## ଆଜି କ'ଣ କେଉଁଠି

**ବ୍ରହ୍ମପୁର**
- ସିପିଏମ୍‌ର ବିକ୍ଷୋଭ, ସ୍ଥାନ-ପୁରୁଣା ବସ୍‌ଷ୍ଟାଣ୍ଡ। ସମୟ-ପୂର୍ବାହ୍ନ ୧୧ଟା ।

## ସଂକ୍ଷେପରେ

### ୨୫ରେ ପହଞ୍ଚିଲା ଡେଙ୍ଗୁ ରୋଗୀଙ୍କ ସଂଖ୍ୟା

**ବ୍ରହ୍ମପୁର ଅଫିସ୍,୬।୮:** ଗଞ୍ଜାମ ଜିଲାରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ୨୫ରେ ପହଞ୍ଚିଛି। ମଙ୍ଗଳବାର ଦୁଇଜଣଙ୍କ ରକ୍ତ ନମୁନାରେ ଡେଙ୍ଗୁ ଚିହ୍ନଟ ହୋଇଛି। ଜଣେ ଆକ୍ରାନ୍ତଙ୍କ ଘର ପାତ୍ରପୁର ଏବଂ ଅନ୍ୟ ଆକ୍ରାନ୍ତଙ୍କ ଘର ଦିଗପହଣ୍ଡି ବ୍ଲକ ବୋଲି ସୂଚନା ମିଳିଛି। ଉଭୟ ହାଇଦ୍ରବାଦ୍‌ରେ ରହୁଥିଲେ। ଗତ କିଛି ଦିନ ପୂର୍ବେ ଘରକୁ ଆସିବା ପରେ ଜ୍ୱରରେ ପୀଡ଼ିତ ହୋଇଥିଲେ। ବଡ଼ ମେଡ଼ିକାଲ୍‌ରେ ଭର୍ତ୍ତି ହେବା ପରେ ସେମାନଙ୍କ ରକ୍ତ ନମୁନା ପରୀକ୍ଷା ବେଳେ ଡେଙ୍ଗୁ ଚିହ୍ନଟ ହୋଇଥିଲା। ଏହାକୁ ମିଶାଇ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୫ହୋଇଥିବା ବେଳେ ରାଜ୍ୟ ବାହାରୁ ଆସି ଆକ୍ରାନ୍ତଙ୍କ ସଂଖ୍ୟା ହେଉଛି ୧୬ । ଆକ୍ରାନ୍ତଙ୍କ ମଧ୍ୟରେ ଅନେକ ହାଇଦ୍ରବାଦ୍, ବିଶାଖାପାଟଣା ଏବଂ ଅନ୍ୟାନ୍ୟ ଅଞ୍ଚଳରେ ରହୁଥିଲେ ।

### ଚୋରି ଅଭିଯୋଗରେ ୨ ଗିରଫ, ଟଙ୍କା ଜବତ



**ବ୍ରହ୍ମପୁର ଅଫିସ,୬।୮:** ଭାପୁର ବଜାରରେ ଥିବା ଏକ ତେଜରାତି ଦୋକାନ ଶଟର ଭାଙ୍ଗି ଦୋକାନରୁ ଗତ ୨୧ ତାରିଖ ରାତିରେ ୮୦ ହଜାର ଟଙ୍କା ଚୋରି ହୋଇଥିଲା। ଏ ନେଇ ଦୋକାନ ମାଲିକ ମିଲନ କୁମାର ସାହୁ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୪୬/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସୋମବାର ରାତିରେ ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରିଛି ଟାଉନ ଥାନା ପୋଲିସ । ସେମାନେ ହେଲେ ଖାଜା ସାହିର ଶେଖ ନୂର ଓ ଶେଖ ଜୁନେଦ। ସେମାନଙ୍କ ନିକଟରୁ ୧୬ ହଜାର ୫ ଶହ ଟଙ୍କା ଜବତ କରାଯାଇଛି। ମଙ୍ଗଳବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ସନ୍ତୋଷିନୀ ଓରାମ ସୂଚନା ଦେଇଛନ୍ତି। ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ଥାନାଧିକାରୀ କହିଛନ୍ତି।

### ବାର୍ଦ୍ଧକ୍ୟ ଭତ୍ତା ବାଣ୍ଟିଲେ ବିଧାୟିକା

**କବିସୂର୍ଯ୍ୟନଗର,୬।୮:** କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ମଙ୍ଗଳବାର ୨୧ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ବାଣ୍ଟିବା ସହ ବିଭିନ୍ନ ସମୀକ୍ଷା ଓ ବସ୍‌ଷ୍ଟାଣ୍ଡ ପାଇଁ ସ୍ଥାନ ନିରୂପଣ କରିଥିଲେ। ଏଥିରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିବେକାନନ୍ଦ ନାୟକ, ପୂର୍ବତନ ଏନ୍‌ଏସି ଅଧକ୍ଷ ମନୋରଞ୍ଜନ ମହାପାତ୍ର ଓ ଅଧକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ପୂର୍ବତନ କାଉନସିଲର ରସଲ ଦାସ, ପ୍ରଶ୍ନ ନାୟକ, ବାସୁଦେବ ସାହୁ, ରାକେଶ ପ୍ରଧାନ, ଦିଲୀପ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ତହସିଲ, ମେଡିକାଲ, ବିଦ୍ୟୁତ୍, ଜନସ୍ୱାସ୍ଥ୍ୟ ବିଭାଗ, ପୂର୍ତ୍ତ ବିଭାଗ, ଜଳସେଚନ ଆଦି ପ୍ରସଙ୍ଗରେ ବିଧାୟିକା ସମୀକ୍ଷା କରିଥିଲେ। ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଆହାର କେନ୍ଦ୍ର ନିକଟ ତଥା ସବ୍‌ରେଜିଷ୍ଟ୍ରାର କଲୋନୀକୁ ଚୟନ କରାଯାଇଥିଲା। ତହସିଲଦାର ପ୍ରକାଶ ଚନ୍ଦ୍ର ମିଶ୍ର ଶୀଘ୍ର ଏ ଦିଗରେ କାର୍ଯ୍ୟ କରିବାକୁ ବିଧାୟିକା ନିର୍ଦ୍ଦେଶ ଦେଇଥିଲେ।

# ଆସିଲା ଡେଙ୍ଗୁ, ଏଡିଶ ମଶାକୁ ଭୟ

- ସାଢ଼େ ୬ ବର୍ଷରେ ୯୩୪ ଡେଙ୍ଗୁ ପଜିଟିଭ ଚିହ୍ନଟ
- ଜିଲା ସ୍ୱାସ୍ଥ୍ୟ ବିଭାଗ ସଜାଗ

**ବ୍ରହ୍ମପୁର ଅଫିସ,୬।୮**

ବର୍ଷା ଆଗମନରେ ଆସିଯାଇଛି ଡେଙ୍ଗୁ ଋତୁ। ଜିଲାବାସୀଙ୍କୁ ଏବେ ଘାରିଛି ଚିନ୍ତା। ବିଶେଷକରି ବ୍ରହ୍ମପୁର ସହରରେ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ଯୋଗୁ ଚିନ୍ତା ଆହୁରି ବଢିଯାଇଛି। କେଉଁଠି ନାଳ ଚୋକ ହୋଇ ରହିଛି ତ ଆଉ କେଉଁଠି ଅଳିଆ ଆବର୍ଜନା ପଡ଼ିରହି ନାନା ରୋଗର କାରଣ ସାଜୁଛି। ବର୍ଷା ଋତୁ ଆସିଯାଇଥିବାରୁ ବିଭିନ୍ନ ସ୍ଥାନରେ ପାଣି ଜମି ରହୁଛି। ଫଳରେ ଲୋକଙ୍କୁ ଡେଙ୍ଗୁ ଭୟ ଘାରିଛି। ଅବଶ୍ୟ ଚଳିତ ବର୍ଷ ଏ ପର୍ଯ୍ୟନ୍ତ ଜିଲାରେ ୨୩ ରୋଗୀଙ୍କୁ ଡେଙ୍ଗୁ ପଜିଟିଭ ଚିହ୍ନଟ ହୋଇଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ବିଜୟ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଏଥିପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ସଜାଗ ରହିଛି। ଜିଲାରେ ୨୦୧୩ ରୁ ୨୦୧୯ ଅଗଷ୍ଟ ୫ ତାରିଖ ସୁଦ୍ଧା ୯୩୪ ଡେଙ୍ଗୁ ପଜିଟିଭ ରୋଗୀ ଚିହ୍ନଟ ହୋଇସାରିଛନ୍ତି ବୋଲି ସିଡ଼ିଏମ୍‌ଓ ପାଣିଗ୍ରାହୀ କହିଛନ୍ତି। ବ୍ରହ୍ମପୁର ସହରରେ ପ୍ରାୟ ୪୦ ଆପାର୍ଟମେଣ୍ଟ ଚିହ୍ନଟ କରାଯାଇ ସ୍ୱତନ୍ତ୍ର ଅଭିଯାନ ହାତକୁ ନିଆଯାଇଛି ବୋଲି ଜିଲା ମ୍ୟାଲେରିଆ ଅଧିକାରୀ ଡା.ଆର.ଜଗଦୀଶ ପଟ୍ଟନାୟକ ସୂଚନା ଦେଇଛନ୍ତି। ପ୍ରତ୍ୟେକ ଆପାର୍ଟମେଣ୍ଟକୁ ଏହି ଟିମ୍ ଯାଇ ସେଠାରେ ଦୀର୍ଘଦିନ ଧରି ଜମି ରହୁଥିବା ପାଣିକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ସହ ଲୋକମାନଙ୍କୁ ସଚେତନ କରୁଛନ୍ତି ବୋଲି ସେ ସୂଚନା ଦେଇଛନ୍ତି। ଗଞ୍ଜାମ ଜିଲାରେ ୨୦୧୨ରେ ଡେଙ୍ଗୁ ଜ୍ୱର ଉତ୍କଟ ରୂପ ଧାରଣ କରିଥିଲା। ଏହି ବର୍ଷ ମୋଟ ୫୩୩ ଲୋକ ଡେଙ୍ଗୁରେ ଆକ୍ରାନ୍ତ ହୋଇ ଏମ୍‌କେସିଜି ମେଡିକାଲ ଡେଙ୍ଗୁ ୱାର୍ଡରେ ଚିକିତ୍ସିତ ହୋଇଥିଲେ। ପରିସ୍ଥିତି ଏମିତି ହୋଇଥିଲା ଯେ ବର୍ଷା ହେଲା ମାତ୍ରେ ଲୋକଙ୍କୁ ଡେଙ୍ଗୁ ଭୟ ଘାରିଥିଲା। ବିଶେଷକରି ଦୀର୍ଘଦିନ ଧରି ଜମାହୋଇ ରହୁଥିବା ପାଣିରୁ ଡେଙ୍ଗୁ ରୋଗର ବାହକ ଏଡିଶ ମଶା ସୃଷ୍ଟି ହୋଇଥାଏ। ବର୍ଷା ଦିନେ ସହରର ବିଭିନ୍ନ ସ୍ଥାନରେ ପଡି ରହୁଥିବା ଟାୟାର, ପଲିଥିନ, ପଇଡ଼ ଖୋଳପା ଓ ଭଙ୍ଗା ବାଲଟି ପ୍ରଭୃତି ସାମଗ୍ରୀରେ ପାଣି ଜମା ହୋଇ ରହିଥାଏ। ସାଧାରଣତଃ ଲୋକମାନଙ୍କ ଏହା ଉପରେ ଦୃଷ୍ଟି ପଡେ ନାହିଁ। ଏଭଳି ସାମଗ୍ରୀରେ ଦୀର୍ଘଦିନ ଧରି ପାଣି ଯେପରି ଜମି ନ ରହିବ ସେ ଦିଗରେ ସତର୍କ ରହିବାକୁ ଲୋକମାନଙ୍କୁ ପରାମର୍ଶ ଦିଆଯାଇଛି । ଏପରିକି ସହରରେ ଜଳ ସମସ୍ୟା ଯୋଗୁ ଲୋକମାନେ ବଡ ବାଲଟି, ଡ୍ରମରେ ପାଣି ଗଚ୍ଛିତ ରଖିଥାନ୍ତି। ସେଥିରେ ମଧ ଦୀର୍ଘଦିନ ଧରି ପାଣି ରହିବା ଯୋଗୁ ସେଥିରେ ଏଡ଼ିଶ ମଶା ସୃଷ୍ଟି ହେବାର ଭୟ ରହିଛି। ଏଥିପ୍ରତି ଧ୍ୟାନ ଦେଇ ଦୀର୍ଘଦିନ ପର୍ଯ୍ୟନ୍ତ ଡ୍ରମରେ ପାଣି ଜମା କରି ନ ରଖିବାକୁ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଜନସାଧାରଣଙ୍କୁ କୁହାଯାଇଛି। ସହରର ବିଭିନ୍ନ ସ୍ଥାନରେ ଡ୍ରମିଂ ପଏଣ୍ଟ ରହିଥିବା ବେଳେ ତାହା ଠିକ୍ ଭାବେ ସଫା କରାଯାଉନାହିଁ। ଫଳରେ ସେଠାରେ ପାଣି ଜମି ରହୁଛି। ଏଣୁ ସେଥିରେ ମଧ ଏଡିସ ମଶା ଜନ୍ମ ହେବାର ଆଶଙ୍କା ରହିଛି। ଏହା ସହିତ ସହରର ବିଭିନ୍ନ ସ୍ଥାନରେ ନାଳ ନର୍ଦ୍ଦମା ଚୋକ ହୋଇ ରହିବା ଯୋଗୁ ଏହି ରୋଗର ବାହକ ଏଡିଶ୍ ମଶା ସୃଷ୍ଟି ହେବାର ସମ୍ଭାବନା ରହିଛି। ମହାନଗର କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। ଏହା ସହିତ ଟିଫା ମେଶିନରେ ମଶା ମରା ଅଭିଯାନ ତ୍ୱରାନ୍ୱିତ କରିବାକୁ ଦାବି ହେଉଛି। ଡେଙ୍ଗୁ ରୋଗୀଙ୍କ ଚିକିତ୍ସା ପାଇଁ ଏମ୍‌କେସିଜି ମେଡିକାଲ ଓ ସିଟି ହସ୍ପିଟାଲରେ ସ୍ୱତନ୍ତ୍ର ଡେଙ୍ଗୁ ୱାର୍ଡର ବ୍ୟବସ୍ଥା କରାଯାଇଛି। ସେହିପରି ବ୍ଲକସ୍ତରରେ ପିଏଚସି ଗୁଡିକରେ ମଧ ଡେଙ୍ଗୁ ରୋଗୀଙ୍କ ଚିକିତ୍ସା ସେବା ପ୍ରଦାନ କରାଯାଉଛି। ଆବଶ୍ୟକ ସଚେତନ ଓ ପରିମଳ ବ୍ୟବସ୍ଥାରେ ସୁଧାର ଅଣାଯାଇ ପାରିଲେ ଡେଙ୍ଗୁକୁ ନିୟନ୍ତ୍ରଣ କରାଯାଇପାରିବ ବୋଲି ସିଡ଼ିଏମଓ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ୨୦୧୨ ପରେ ଜିଲାରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବହୁ ମାତ୍ରାରେ ହ୍ରାସ ପାଇଛି।

**୨୦୧୩ ରୁ ୨୦୧୯ ପର୍ଯ୍ୟନ୍ତ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା**

| ମସିହା | ସଂଖ୍ୟା |
|---|---|
| ୨୦୧୩ | ୧୪୩ |
| ୨୦୧୪ | ୬୪ |
| ୨୦୧୫ | ୭୪ |
| ୨୦୧୬ | ୩୨୯ |
| ୨୦୧୭ | ୧୪୬ |
| ୨୦୧୮ | ୧୫୫ |
| ୨୦୧୯ ଅଗଷ୍ଟ ୫ ସୁଦ୍ଧା | ୨୩ |

- ଗୁଟ୍‌ଖା କାରଖାନାରେ ଚଢ଼ାଉ

# ୩ ଗିରଫ, ମାଲିକ ଫେରାର



ଗିରଫ ହୋଇଥିବା ଅଭିଯୁକ୍ତମାନେ ।

**ବ୍ରହ୍ମପୁର ଅଫିସ,୬।୮**

ସଦର ଥାନା ପୋଲିସ ସୋମବାର ରାତିରେ ଭୈରବନଗରରେ ବେଆଇନ ଭାବେ ଚାଲିଥିବା ଏକ ଗୁଟ୍‌ଖା କାରଖାନାରେ ଚଢାଉ କରିଥିଲା। ସେଠାରୁ ବହୁ ପରିମାଣର ଗୁଟ୍‌ଖା ଜବତ କରାଯିବା ସହ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ବ୍ରଜନଗର ୩ୟ ସାରଣୀରେ ରହୁଥିବା ଶରତ ଚନ୍ଦ୍ର ବିଷୋୟୀ, ପାଟପୁର ଥାନା ଧୋବାଡ଼ି ଗ୍ରାମର କାଶୀନାଥ ବେହେରା ଓ ଉତ୍ତରପ୍ରଦେଶ କାନପୁର ଜିଲା ଗୌତମପୁରର ଦିବ୍ୟାଂଶୁ କୁମାର ବର୍ମା । କାରଖାନା ମାଲିକ ଫେରାର ଥିବା ଥାନାଧିକାରୀ ଭାବନାନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି। ଏ ନେଇ ମାମଲା ନଂ.୧୯୬/୧୯ ରୁଜୁ ହେବା ସହ ଅଭିଯୁକ୍ତମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଗୋବିନ୍ଦବିହାର ନିକଟ ଭୈରବନଗରରେ ଗୁଟ୍‌ଖା କାରଖାନା ଚାଲିଥିବା ପୋଲିସ ଖବର ପାଇଥିଲା। ସୋମବାର ରାତି ପ୍ରାୟ ୯ଟାରେ ପୋଲିସ ସେଠାରେ ଚଢାଉ କରି ୩୫ ବସ୍ତା ହରିତାଖଣ୍ଡି, ଗୋକୁଳ ତିଲକ୍ସ ଜର୍ଦା ଗୁଟ୍‌ଖା, ୨ଟି ପ୍ୟାକିଂ ମେଶିନ, ବିଭନ୍ନ ବ୍ରାଣ୍ଡର ପ୍ଲାଷ୍ଟିକ ଜରି ଜବତ କରିଥିଲା। ସେଠାରୁ ୩ ଜଣଙ୍କୁ କାବୁ କରାଯାଇଥିଲା। ସୂଚନାଯୋଗ୍ୟ, ରବିବାର ସଦର ଥାନା ପୋଲିସ ଭୁତପଲ୍ଲୀ, ବୋରିଗାଁ ଓ କାଳୁପାତ୍ର ସାହିରେ ଚଢାଉ କରି କୋଟିଏ ଟଙ୍କାର ଗୁଟ୍‌ଖା ଜବତ କରିବା ସହ ପୃଥକ ସ୍ଥାନରୁ ୩ ଜଣଙ୍କୁ ଗିରଫ କରିଥିଲା। ସଦର ଥାନା ଇଲାକାରେ ଏବେ ବି ଅନେକ ଗୁଟ୍‌ଖା ବ୍ୟବସାୟୀ କାରବାର ଚଳାଇଥିବା ସାଧାରଣରେ ଅଭିଯୋଗ ହେଉଛି।

## ଏଲ୍‌ଆଇସି ପୂର୍ବ ମଧ କ୍ଷେତ୍ରୀୟ ଚେସ୍, କ୍ୟାରମ ପ୍ରତିଯୋଗିତା ଉଦ୍‌ଯାପିତ




ଅତିଥିଙ୍କ ଗହଣରେ ଚାମ୍ପିୟନ୍ ଖେଳାଳିମାନେ ।

**ବ୍ରହ୍ମପୁର ଅଫିସ୍, ୬।୮**

ଭାରତୀୟ ଜୀବନ ବୀମା ନିଗମର ପୂର୍ବ ମଧ୍ୟ କ୍ଷେତ୍ରୀୟ ଚେସ୍ ଏବଂ କ୍ୟାରମ୍ ପ୍ରତିଯୋଗିତା ସ୍ଥାନୀୟ ଏକ ହୋଟେଲ୍‌ରେ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ୨ ଦିନିଆ ପ୍ରତିଯୋଗିତାରେ ନିଗମର ପୂର୍ବ ମଧ କ୍ଷେତ୍ରରେ କାର୍ଯ୍ୟରତ ଯଥା ଓଡ଼ିଶା, ଝାଡ଼ଖଣ୍ଡ ଏବଂ ବିହାରର ୩୧ ଖେଳାଳି ଭାଗ ନେଇଥିଲେ। ଚେସ୍ ମହିଳା ବର୍ଗରେ ଅର୍ନ୍ତଜାତୀୟ ଚେସ୍ ତାରକା କିରଣ ମନିଷା ମହାନ୍ତି ଚାମ୍ପିୟନ ହୋଇଛନ୍ତି। ତାଙ୍କୁ ୫ ପଏଣ୍ଟ ମିଳିଛି । ପାଟଣାର ମନିଶା ତ୍ରିବେଦୀ ଦ୍ୱିତୀୟ, ହଜାରିବାଗ୍‌ର ଆସିତିଶ ରୋଜେ ଟୁଡୁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଉଭୟ ସାଢ଼େ ୩ ପଏଣ୍ଟ ହାସଲ କରିଛନ୍ତି। ସେହିଭଳି ପୁରୁଷ ବର୍ଗରେ ଚାମ୍ପିୟନ୍ ହୋଇଛନ୍ତି ପାଟଣାର ଜିତେନ୍ଦ୍ର କୁମାର ସିଂ। ଜାମସେଦପୁରର ହିମାଂଶୁ ଚକ୍ରବର୍ତ୍ତି ଦ୍ୱିତୀୟ ଏବଂ ସମ୍ବଲପୁରର ବିଦୁ ଭୂଷଣ ମିଶ୍ର ତୃତୀୟ ହୋଇଛନ୍ତି । କ୍ୟାରମ୍‌ର ପୁରୁଷ ବର୍ଗରେ ଚାମ୍ପିୟନ୍ ହୋଇଛନ୍ତି ମୁଜଫର୍‌ପୁର୍‌ର ଏସ୍. କେ. ସିହ୍ନା । ସମ୍ବଲପୁରର ଆର୍. ସାହୁ ଦ୍ୱିତୀୟ, ଜାମସେଦପୁରର ଏସ୍. ପୌଲ୍ ତୃତୀୟ ସ୍ଥାନ ହାସଲ କରିଛନ୍ତି । ମହିଳା ବର୍ଗରେ ପାଟଣାର ଦୀପିକା ସିହ୍ନା ଚାମ୍ପିୟନ୍ ହୋଇଥିବା ବେଳେ ଭାଗଲପୁରର ପୁନମ କୁମାରୀ ଦ୍ୱିତୀୟ ଏବଂ ଭୁବନେଶ୍ୱରର ଡି.ଆର୍. ଆଦ୍ୟା ତୃତୀୟ ସ୍ଥାନରେ ରହିଛନ୍ତି । ପୁରସ୍କାର ବିତରଣୀ ଉତ୍ସବରେ ଆଞ୍ଚଳିକ ପ୍ରବନ୍ଧକ(ମାନବ ସମ୍ବଳ) ଗୋର୍ବା ସୋରେନ୍ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଶଙ୍କର ପ୍ରସାଦ ପରିଚ୍ଛା, ବିପଣନ ପ୍ରବନ୍ଧକ ଗୁପ୍ତେଶ୍ୱର ବାଗ୍, କାର୍ମିକ ପ୍ରବନ୍ଧକ ନୃସିଂହ ଚରଣ ବେହେରା ଏବଂ ନିଗମର କ୍ରୀଡ଼ା ପ୍ରୋତ୍ସାହନ ମଣ୍ଡଳୀର ସଦସ୍ୟ ସୁଧାଂଶୁ ମିଶ୍ର, ଅବିନାଶ କୁମାର, ମୃତ୍ୟୁଞ୍ଜୟ କୁମାର ପ୍ରମୁଖ ଉପସ୍ଥିତ ଥିଲେ । ସଭାକୁ ମଣ୍ଡଳର କ୍ରୀଡ଼ା ସଚିବ ତ୍ରିଲୋଚନ କିଶାନ୍ ପରିଚାଳନା କରିଥିଲେ ।

## ଭାଜପାର ସଭ୍ୟ ସଂଗ୍ରହ ଅଭିଯାନ

**ପାତ୍ରପୁର,୬।୮(ଡି.ଏନ୍.ଏ.)**

ଚିକିଟି ନିର୍ବାଚନ ମଣ୍ଡଳୀ ଭାଜପା ପକ୍ଷରୁ ସଭ୍ୟ ସଂଗ୍ରହ ଅଭିଯାନ ପାତ୍ରପୁରରୁ ଆରମ୍ଭ ହୋଇଛି। ଏ ନେଇ ପାତ୍ରପୁର ସ୍ଥିତ କୁଠାରିଶ୍ୱରୀ ମନ୍ଦିରରେ ଭାଜପାର ରାଜ୍ୟ ସାଧାରଣ ସମ୍ପାଦକ ଭୃଗୁ ବକ୍ସି ପାତ୍ର, ଯୁବ ନେତା ମନୋରଞ୍ଜନ ଦ୍ୟାନ ସାମନ୍ତରା ଓ ପାତ୍ରପୁର ମଣ୍ଡଳ ସଭାପତି ତ୍ରିନାଥ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ୨୪୧ ବୁଥ୍‌ରେ ଲିଖିତ ଓ ଟେକ୍ନୋଲୋଜି ମାଧ୍ୟମରେ ସଭ୍ୟ ସଂଗ୍ରହ କରି ଦେଶର ବିକାଶ ଧାରାରେ ସାମିଲ ହେବା ଏହାର ଲକ୍ଷ୍ୟ ରହିଥିବା କୁହାଯାଇଛି। ଏହା ବ୍ୟତୀତ ଚିକିଟି ଓ ପାତ୍ରପୁର ବ୍ଲକର ଆନ୍ଧ୍ର ଓଡ଼ିଶା ସୀମାନ୍ତ ଅଞ୍ଚଳରେ ଥିବା ତେଲୁଗୁ ଭାଷାଭାଷୀ ବିଦ୍ୟାଳୟ ଗୁଡ଼ିକରେ ତେଲୁଗୁ ଶିକ୍ଷକ ଓ ପାଠ୍ୟ ପୁସ୍ତକ ମିଳୁ ନ ଥିବା ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଜମ୍ମୁ ଓ କାଶ୍ମୀର ୩୭୦ ଧାରା ଉଚ୍ଛେଦ ଦଳ ତରଫରୁ ସ୍ୱାଗତ କରାଯାଇଥିଲା। ସିମନ୍ତ ଅଞ୍ଚଳର ଅଧିବାସୀଙ୍କ ସାମୂହିକ ବିକାଶ ଦିଗରେ ରାଜ୍ୟ ସରକାର ପ୍ରାଧାନ୍ୟ ନ ଦେବା ଫଳରେ ଆନ୍ଧ୍ର ସରକାର ହିତାଧିକାରୀଙ୍କୁ ଜମି ପଟ୍ଟା, ରାଶନ କାର୍ଡ଼, ବିଦ୍ୟୁତ୍ ସଂଯୋଗୀକରଣ ଆଦି ସହଯୋଗ କରିବାରୁ ସରକାରଙ୍କ ଆଭିମୁଖ୍ୟକୁ ନେଇ ପ୍ରଶ୍ନ ଉଠାଇଛି ଭାଜପା। ଏ ନେଇ ଓଡ଼ିଶା ସରକାରଙ୍କ ନିକଟରେ ସୀମାନ୍ତ ଅଞ୍ଚଳରେ ବିଭିନ୍ନ ଅସୁବିଧା ନେଇ ତଥ୍ୟ ଦିଆଯିବ ବୋଲି ଭାଜପା ଅଧିକାରୀମାନେ ପ୍ରକାଶ କରିଥିଲେ। ଜିଲା ମୋର୍ଚ୍ଚା, ଉପସଭାପତି ପ୍ରୀୟରଞ୍ଜନ ବେହେରା, ରେଣୁ ରେଡ୍ଡୀ, ରଙ୍ଗବତୀ ଦଳେଇ, ବାଇରୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଦୁର୍ଦ୍ଦାନ୍ତ ଶିବାଙ୍କ ନାଁରେ ଏନ୍‌ଏସ୍‌ଏ ଲାଗିଲା

**ବ୍ରହ୍ମପୁର ଅଫିସ,୬।୮**

ବ୍ରହ୍ମପୁର ପୋଲିସ ଜିଲା ତରଫରୁ ପୁଣି ଜଣେ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଜାତୀୟ ନିରାପତ୍ତା ଆଇନ (ଏନଏସଏ) ବଳରେ ଅଟକ ରଖାଯାଇଛି। ସେ ହେଲେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଲାଞ୍ଜିପଲ୍ଲୀ ଡ଼ିପ ସାହିର ଶିବା ବିଷୋୟୀ। ତାଙ୍କ ନାଁରେ ଏକାଧିକ ସଙ୍ଗୀନ ଆପରାଧିକ ମାମଲା ରହିଥିବାରୁ ଏନ୍‌ଏସ୍‌ଏ ଲଗାଯାଇଛି ବୋଲି ଅତିରିକ୍ତ ଏସପି ପ୍ରଭାତ ରାଉତରାୟ ମଙ୍ଗଳବାର ସୂଚନା ଦେଇଛନ୍ତି। ଦିଗପହଣ୍ଡି ଥାନା ଅଞ୍ଚଳରେ ଲୋକଙ୍କୁ ବଟି ମାଗିବା ସହ ସେଠାରେ ଆତଙ୍କ ଖେଳାଇଥିବା ଅଭିଯୋଗରେ ଶିବାଙ୍କୁ ପୋଲିସ ଜୁନ ୨୪ ତାରିଖ ରାତିରେ ଗଣିଆନାଳ ନିକଟରୁ ଗିରଫ କରିଥିଲା। ତାଙ୍କ ନିକଟରୁ ଏକ ବନ୍ଧୁକ, ୨ଟି ଗୁଳି ଓ ଗୋଟିଏ ବାଇକ ଜବତ କରାଯାଇଥିଲା। ମାମଲା ନଂ.୧୧୩/୧୯ରେ ଶିବାଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିଲା। ସେ ବର୍ତ୍ତମାନ ଦିଗପହଣ୍ଡି ଉପ କାରାଗାରରେ ଅଛନ୍ତି। ଚିକେନ ରବି ହତ୍ୟାକାଣ୍ଡ, ମଦ ଦୋକାନ ଉପରେ ବୋମାମାଡ ଆଦି ମାମଲାରେ ଶିବା ଅଭିଯୁକ୍ତ ରହିଛନ୍ତି। ସୂଚନାଯୋଗ୍ୟ, ଗତ କିଛିଦିନ ତଳେ ଅନ୍ୟ ଜଣେ ଦୁର୍ଦ୍ଦାନ୍ତ ଅପରାଧୀ ସୁନୀଲ ବେହେରା ନାଁରେ ମଧ ପୋଲିସ ଏନଏସଏ ଲଗାଇଥିଲା।

## ରୋଟାରି କ୍ଲବର ଅଧିଷ୍ଠାନ ଉତ୍ସବ

**ବ୍ରହ୍ମପୁର ଅଫିସ,୬।୮**

ବ୍ରହ୍ମପୁର ସେଣ୍ଟ୍ରାଲ ରୋଟାରି କ୍ଲବର ଅଷ୍ଟାଦଶ ଅଧିଷ୍ଠାନ ଉତ୍ସବ ଧର୍ମନଗରସ୍ଥିତ ଏକ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଗତ ବର୍ଷର ସଭାପତି ଶ୍ରୀନିବାସ ରାଓ, ସମ୍ପାଦକ ସୁଦର୍ଶନ ସାହୁ ଚଳିତ ବର୍ଷର ସଭାପତି ମହେଶ ଜେନା ଏବଂ ସମ୍ପାଦକ ମାନଜିତ ହୋତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ । ଗତ ବର୍ଷର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଡା. ନାରାୟଣ ମିଶ୍ର ଉପସ୍ଥାପନା କରିଥିଲେ । ଅନ୍ୟତମ ପୂର୍ବତନ ସଭାପତି ବଦ୍ରି ଦାସ, ରଣଜିତ ପାଢ଼ୀ, ଅକ୍ଷେନ୍ଦୁ ପଟ୍ଟନାୟକ, କୁଶ ପାତ୍ର ଏବଂ କ୍ଲବର ଅନ୍ୟ କର୍ମକର୍ତ୍ତାମାନେ ପରିଚାଳନାରେ ସହଯୋଗ କରିଥିଲେ ।




ଅତିଥିଙ୍କ ସହ କ୍ଲବର କର୍ମକର୍ତ୍ତାମାନେ ।

## ବଳଦେବ ସ୍ୱାମୀ ବରିଷ୍ଠ ନାଗରିକ ଟ୍ରଷ୍ଟର ବୈଠକ

**ବୁଗୁଡ଼ା,୬।୮(ଡି.ଏନ.ଏ.)**

ବୁଗୁଡ଼ା ବଳଦେବ ସ୍ୱାମୀ ବରିଷ୍ଠ ନାଗରିକ ଟ୍ରଷ୍ଟର ସାଧାରଣ ବୈଠକ ଓ ଚାରାରୋପଣ କାର୍ଯ୍ୟକ୍ରମ ମଙ୍ଗଳବାର ସ୍ଥାନୀୟ ସୂର୍ଯ୍ୟନଗରସ୍ଥିତ କୋଠଘରେ ଅନୁଷ୍ଠିତ ହୋଇଥିଲା। ବୈଠରେ ଶିକ୍ଷାବିତ କୈଳାସ ଚନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିଲେ। ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ସତ୍ୟ ନାରାୟଣ ବେହୁରା ମୁଖ୍ୟଅତିଥି, ଭଞ୍ଜନଗର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର, ବୁଗୁଡ଼ା ଅତିରିକ୍ତ ତହସିଲଦାର ସଂଗ୍ରାମ କେଶରୀ ଜେନା, ବୁଗୁଡ଼ା ଥାନାଧିକାରୀ ସୀତାଂଶୁ ଶେଖର ମାନ୍ଧାତା, ଅଗ୍ନିଶମ ଅଧିକାରୀ ଉମା ଚରଣ ଭଞ୍ଜମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଟ୍ରଷ୍ଟ ପରିସରରେ ଚାରାରୋପଣ ହେଇଥିଲା। ବୈଠକରେ ଟ୍ରଷ୍ଟର ଅଧକ୍ଷ ଗଙ୍ଗାଧର ବିଷୋୟୀଙ୍କ ସମେତ ସଭ୍ୟମାନେ ଉପସ୍ଥିତ ଥିଲେ।

## 'ଭାବଗତ ସମ୍ପର୍କ ସୃଷ୍ଟିକରେ ସ୍ତନ୍ୟପାନ'

**ବ୍ରହ୍ମପୁର ଅଫିସ୍,୬।୮**

ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଆଇଇସି ହଲ୍‌ଠାରେ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଇଛି। ଏଥିରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ତଥା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଶିଶୁଙ୍କ ଶାରୀରିକ ଏବଂ ମାନସିକ ବିକାଶ ପାଇଁ ମା' କ୍ଷୀର ଅପରିହାର୍ଯ୍ୟ। ସ୍ତନ୍ୟପାନ ମା' ଏବଂ ଶିଶୁଙ୍କ ମଧ୍ୟରେ ଭାବଗତ ସମ୍ପର୍କ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ମୁଖ୍ୟ ଅତିଥି କହିଥିଲେ। ଜନ୍ମର ଏକ ଘଣ୍ଟା ମଧ୍ୟରେ ସ୍ତନ୍ୟପାନ ଆରମ୍ଭ କରିବା ଆବଶ୍ୟକ। କଷ କ୍ଷୀର ଶିଶୁକୁ ବିଭିନ୍ନ ରୋଗରୁ ରକ୍ଷା କରିଥାଏ। ଏହା ୨୨ପ୍ରତିଶତ ନବଜାତ ଶିଶୁ ମୃତ୍ୟୁହାରକୁ ପ୍ରତିରୋଧ କରିଥାଏ ବୋଲି ପାଣିଗ୍ରାହୀ ପ୍ରକାଶ କରିଥିଲେ। ଏଡିପିଏଚ୍‌ଓ(ପରିବାର କଲ୍ୟାଣ) ଡା. ଭି. ସରୋଜିନୀ ଦେବୀ ସ୍ତନ୍ୟପାନ କିଭଳି କରାଯିବ, ସେ ସମ୍ପର୍କରେ କହିଥିଲେ । ନବଜାତ ଶିଶୁଙ୍କୁ ମା' କ୍ଷୀର ଦେବା ପୂର୍ବରୁ ଅନ୍ୟ କୌଣସି ଖାଦ୍ୟ ଏପରିକି ପାଣି କିମ୍ବା ମହୁ ମଧ ଦେବା ଅନୁଚିତ। ପ୍ରଥମ ୬ ମାସ କେବଳ ସ୍ତନ୍ୟପାନ କରାଇଲେ ଶିଶୁଙ୍କୁ ଉପଯୁକ୍ତ ଆହାର ମିଳିଥାଏ। ଡିପିଏଚ୍‌ଓ ଡା. ଆର୍. ଜଗଦୀଶ ପଟ୍ଟନାୟକ ସ୍ତନ୍ୟପାନ ବେଳେ କେତକ ସତର୍କତା ଅବଲମ୍ବନ କରିବାକୁ ଗୁରୁତ୍ୱ ଦେଇଥିଲେ। ହାତ ଭଲ ଭାବେ ସଫା କରିବା, ଶିଶୁ ଶରୀରକୁ ଉଷୁମ ରଖିବା, ସ୍ତନ୍ୟପାନ ପରେ ଶିଶୁକୁ କାନ୍ଧରେ ରଖି ପିଠି ଧିରେ ଧିରେ ଥାପୁଡ଼ାଇବା ଆବଶ୍ୟକ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଏନ୍‌ଏଚ୍‌ଏମ୍‌ର ଡିପିଏମ୍ ଶ୍ୟାମ ସୁନ୍ଦର ତ୍ରିପାଠୀ ଏବଂ ଡିଏମ୍‌ଆରସିଏଚ୍ ଶକ୍ତି କୁମାର ଦିଗାଲ୍ ଉପସ୍ଥିତ ଥିଲେ । ଏଏନ୍‌ଏମ୍ ଛାତ୍ରୀ ଏବଂ ନବଜାତ ଶିଶୁଙ୍କ ସହ ମା'ମାନେ ଯୋଗଦେଇଥିଲେ ।



କାର୍ଯ୍ୟକ୍ରମରେ ଉପସ୍ଥିତ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ।

- ୮ରେ ଜାତୀୟ କୃମିନାଶକ ଦିବସ

# ଔଷଧ ଖାଇବେ ୭ଲକ୍ଷ ୩୪ହଜାର ଶିଶୁ

**ବ୍ରହ୍ମପୁର ଅଫିସ୍,୬।୮**

ଆସନ୍ତା ୮ତାରିଖରେ ଜାତୀୟ କୃମିନାଶକ ଦିବସ ଗଞ୍ଜାମ ଜିଲାରେ ପାଳିତ ହେବ । ୧ ରୁ ୧୯ବର୍ଷ ବୟସ ପର୍ଯ୍ୟନ୍ତ ମୋଟ ୭ଲକ୍ଷ ୩୪ହଜାର ୧୨୦ଜଣ ପିଲାଙ୍କୁ ଔଷଧ ଦିଆଯିବ। ଜିଲାର ୪ହଜାର ୪୮୪ ବିଦ୍ୟାଳୟ ଏବଂ ୫ହଜାର ୧୪୧ ଅଙ୍ଗନୱାଡ଼ି କେନ୍ଦ୍ରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ ଔଷଧ ଖୁଆହେବ। ଦୁଇ ବର୍ଷର ବୟସ ଶିଶୁଙ୍କୁ ଅଧା ବୋତଲ୍ ସିରପ୍ ଏବଂ ୩ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ପୂରା ବୋତଲ୍ ସିରପ୍ ଦିଆଯିବ। ୪ରୁ ୧୯ବର୍ଷ ବୟସ ପର୍ଯ୍ୟନ୍ତ ପିଲାଙ୍କୁ ଟାବଲେଟ୍ ପ୍ରଦାନ କରାଯିବ। ଧାର୍ଯ୍ୟ ଲକ୍ଷ୍ୟ ଭିତରୁ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ବୟସ୍କ ପିଲା ୧ ଲକ୍ଷ ୫୧ହଜାର ୭୨୭ ଜଣ ରହିଛନ୍ତି। ଏମାନଙ୍କୁ ଅଙ୍ଗନୱାଡ଼ି କେନ୍ଦ୍ରରେ ଔଷଧ ଦିଆଯିବ । ତିନିରୁ ୧୯ବର୍ଷ ବୟସ୍କ ପର୍ଯ୍ୟନ୍ତ ଥିବା ୫ଲକ୍ଷ ୮୨ହଜାର ୩୯୩ଜଣ ପିଲାଙ୍କୁ ବିଦ୍ୟାଳୟରେ ଔଷଧ ଦିଆଯିବ। ୧ ଲକ୍ଷ ୩୧ହଜାର ୪୯୭ଜଣ ଶିଶୁଙ୍କୁ ସିରପ୍ ଏବଂ ୬ଲକ୍ଷ ୪୦ହଜାର ୬୩୩ଜଣ ଶିଶୁଙ୍କୁ ଟାବଲେଟ୍ ଦିଆଯିବ ବୋଲି ସ୍ଥାନୀୟ ଆଇଇସି ହଲ୍‌ରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ତଥା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଏଡିପିଏଚ୍‌ଓ(ଭିବିଡ଼ି) ଡା. ଆର୍. ଜଗଦୀଶ ପଟ୍ଟନାୟକ ଏବଂ ଡିଏମ୍‌ଆରସିଏଚ୍ ଶକ୍ତି କୁମାର ଦିଗାଲ୍ ଉପସ୍ଥିତ ଥିଲେ ।

ଡା. ପାଣିଗ୍ରାହୀ କହିଥିଲେ, ଶିଶୁମାନେ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ଗ୍ରହଣ କରିବା ଦ୍ୱାରା ପେଟରେ କୃମି ସୃଷ୍ଟି ହୋଇଥାଏ। ପେଟ କାଟିବା ସହ ଅନ୍ୟାନ୍ୟ ଶାରୀରିକ ସମସ୍ୟା ଦେଖା ଦେଇଥାଏ। କୃମିକୁ ସମୂଳେ ନାଶ କରିବା ପାଇଁ ସବୁ ବୟସର ଶିଶୁଙ୍କୁ ଆଲ୍‌ବେଣ୍ଡାଜାଲ୍ ଦିଆଯାଉଛି। ୮ତାରିଖରେ ସମୂହ ଔଷଧ ସେବନ କାର୍ଯ୍ୟକ୍ରମ ରହିଛି । ଯେଉଁ ଶିଶୁମାନେ ରହିଯିବେ, ସେମାନଙ୍କୁ ୧୬ତାରିଖରେ ଔଷଧ ପ୍ରଦାନ କରାଯିବ । ଶିକ୍ଷା ବିଭାଗ, ଜିଲା ସମାଜ ମଙ୍ଗଳ ବିଭାଗ ଏବଂ ଜିଲା ମଙ୍ଗଳ ବିଭାଗ ଅଧିକାରୀଙ୍କୁ ନେଇ ପୂର୍ବରୁ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମର ସଫଳତା ନେଇ ଆଲୋଚନା ହୋଇଥିଲା । ପୂର୍ବରୁ ଯେହେତୁ କେତେକ ଘରୋଇ ବିଦ୍ୟାଳୟ ଏଭଳି କାର୍ଯ୍ୟକ୍ରମରେ ସହଯୋଗ କରୁନାହାନ୍ତି, ଚଳିତ ଥର ଯଦି ଅସହଯୋଗ କରନ୍ତି, ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଯେଉଁ ଶିଶୁମାନେ ପାଠ ଛାଡ଼ି ଦେଇଛନ୍ତି କିମ୍ବା ବିଦ୍ୟାଳୟ ଯାଉନାହାନ୍ତି, ସେମାନଙ୍କୁ ଅଙ୍ଗନୱାଡ଼ି କେନ୍ଦ୍ରରେ ଔଷଧ ଦିଆଯିବ ।

ଅନ୍ୟପଟେ ଔଷଧ ସେବନ ପରେ ସାମାନ୍ୟ ପାର୍ଶ୍ୱପ୍ରତିକ୍ରିୟା ଦେଖାଦେବାର ସମ୍ଭାବନା ରହିଛି। ତାର ମୁକାବିଲା ପାଇଁ ଡାକ୍ତରମାନଙ୍କୁ ସତର୍କ ରହିବାକୁ କୁହାଯାଇଛି । ତେବେ ଔଷଧକୁ ନେଇ ଅଭିଭାବକମାନେ ଭୟ କରିବା ଅନୁଚିତ। ସବୁ ଶିଶୁ ଔଷଧ ସେବନ କରିବା ଆବଶ୍ୟକ। ଔଷଧ ସମ୍ପର୍କରେ ଥିବା ଭ୍ରାନ୍ତ ଧାରଣା ଦୂର କରିବା ପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ନିୟୋଜିତ ଅଧିକାରୀ ଏବଂ କର୍ମଚାରୀଙ୍କୁ ତାଲିମ୍ ପ୍ରଦାନ କରାଯାଇଥିବା ଡା. ପାଣିଗ୍ରାହୀ ପ୍ରକାଶ କରିଛନ୍ତି ।

**ସଂକ୍ଷେପରେ**

## ବ୍ୟାଙ୍କରୁ ଡକାୟତି ଉଦ୍ୟମ ପଣ୍ଡ
### ପୋଲିସର ମକ୍‌ଡ୍ରିଲ୍

**ସୋରଡ଼ା,୬।୮ (ଡି.ଏନ.ଏ.):** ସୋରଡାସ୍ଥିତ ଏକ୍ସିସ ବ୍ୟାଙ୍କକୁ ମଙ୍ଗଳବାର ମଧ୍ୟାହ୍ନରେ ପଶିଥିଲେ ମୁଖାଧାରୀ ୨ ଦୁର୍ବୃତ୍ତ। ହାତରେ ଥିଲା ବନ୍ଧୁକ। ହଠାତ୍ ଆସି ବ୍ୟାଙ୍କରେ ପଶିଯିବା ପରେ ସୁରକ୍ଷା କର୍ମୀ ଶଟର ବନ୍ଦ କରି ଦେଇଥିଲେ। ସେହିସମୟରେ ଶାଖା ପରିଚାଳକ ପ୍ରଭୁପାଦ ମିଶ୍ର ଜଣେ ଗ୍ରାହକଙ୍କ ସହ କଥା ହେଉଥିଲେ। ଡ଼କାୟତଙ୍କୁ ଦେଖି ହଠାତ୍ ତାଙ୍କ ହାତରୁ ପିସ୍ତଲକୁ ଛଡ଼ାଇବାକୁ ଉଦ୍ୟମ କରିଥିଲେ। ଠିକ୍ ସେହି ସମୟରେ ବ୍ୟାଙ୍କର ଅନ୍ୟ ପରିଚାଳକ ପ୍ରତ୍ୟୁଷ କୁମାର ସାହୁ ସାଇରନ ବଜାଇ ଦେଇଥିଲେ। ସାଇରନ ଶୁଣି ଥାନାଧିକାରୀ ପ୍ରଭାତ ସାହୁ ସଦଳବଳ ବ୍ୟାଙ୍କରେ ପହଞ୍ଚିଥିଲେ। ପରେ ଦୁର୍ବୃତ୍ତମାନଙ୍କୁ କାବୁ କରାଯାଇଥିଲା। ଏତେସବୁ ଘଟଣା ପରେ ଏହା ପୋଲିସର ବ୍ୟାଙ୍କ ସୁରକ୍ଷା ଯାଞ୍ଚ (ମକ୍‌ଡ୍ରିଲ୍)ବୋଲି ଥାନାଧିକାରୀ ସାହୁ ସୂଚନା ଦେଇଥିଲେ। ଏକ୍ସିସ ବ୍ୟାଙ୍କର ଶାଖା ପରିଚାଳକ, ପରିଚାଳକ, ସୁରକ୍ଷା କର୍ମୀଙ୍କ ମିଳିତ ଉଦ୍ୟମ ଯୋଗୁ ଡ଼କାୟତି ଉଦ୍ୟମ ପଣ୍ଡ ହୋଇଛି। ସମସ୍ତେ ବ୍ୟାଙ୍କ ସୁରକ୍ଷା ପ୍ରତି ସମ୍ପୂର୍ଣ୍ଣ ସକ୍ରିୟ ଥିବା ଜଣାପଡିଥିଲା। ପରେ ସମସ୍ତେ ଆଶ୍ୱସ୍ତି ହୋଇଥିଲେ।

## ବାଇକ୍ ଡିକିରୁ ସୁନା ଲୁଟ
■ ୧୦ ଦିନରେ ୨ୟ ଘଟଣା

**ବ୍ରହ୍ମପୁର ଅଫିସ,୬।୮:** ବ୍ରହ୍ମପୁର ସହରରେ ଏବେ ଲୁଟେରାଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଗତ ୧୦ ଦିନ ମଧ୍ୟରେ ଟାଉନ ଥାନା ଇଲାକାରେ ଦୁର୍ବୃତ୍ତମାନେ ପୃଥକ ୨ ବାଇକ ଡିକିରୁ ସୁନା ଅଳଙ୍କାର ଲୁଟି ନେଇଛନ୍ତି। ଗତ ୨୫ ତାରିଖରେ ବିଜିପୁର ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ବାଇକ୍ ଡିକିରୁ ସୁନା ଅଳଙ୍କାର ଚୋରି ହୋଇଥିଲା। ସୋମବାର ରାତିରେ ଟାଉନ ଥାନା ଅନ୍ତର୍ଗତ ମୟୁରୀ ଟାୱାର ସମ୍ମୁଖ ଗାଡି ପାର୍କିଂ ପ୍ଲେସରେ ଥିବା ଲୋକନାଥ ନାୟକଙ୍କ ବାଇକ ଡିକିରୁ ସୁନା ଗାଏବ ହୋଇଥିବା ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୧୫୩/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଥାନାଧିକାରୀ ସନ୍ତୋଷିନୀ ଓରାମ କହିଛନ୍ତି। ସଦର ଥାନା ଅନ୍ତର୍ଗତ ଡେଙ୍ଗାପଦର ଗ୍ରାମର ଲୋକନାଥ, ସ୍ତ୍ରୀଙ୍କ ସହ ସୋମବାର ସନ୍ଧ୍ୟାରେ ବ୍ରହ୍ମପୁର ଆସିଥିଲେ। ବଡବଜାରର ଏକ ଦୋକାନରୁ ୧ ଭରିର ସୁନା ଜିନିଷ କିଣି ଲୋକନାଥ ତାହାକୁ ନିଜ ବାଇକ ଡିକିରେ ରଖି ମୟୁରୀ ଟାୱାର ମାର୍କେଟ କମ୍ପ୍ଲେକ୍ସକୁ ଆସିଥିଲେ। ବାଇକ୍‌ଟି କମ୍ପ୍ଲେକ୍ସ ସମ୍ମୁଖ ପାର୍କିଂ ସ୍ଥାନରେ ରଖି ଡ୍ରେସ କିଣିବାକୁ ଯାଇଥିଲେ। କିଛି ସମୟ ପରେ ସେଠାରୁ ଫେରି ବାଇକ୍ ପାଖକୁ ଆସିବା ବେଳକୁ ଡିକିରୁ ସୁନା ଗାଏବ ହୋଇଥିବା ଦେଖିଥିଲେ। ଏ ନେଇ ଟାଉନ ଥାନାରେ ସେ ଏତଲା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମାର୍କେଟ କମ୍ପ୍ଲେକ୍ସରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ ଚଳାଇଥିଲା। ସୂଚନାଯୋଗ୍ୟ, ଗତ ୨୫ ତାରିଖ ରାତିରେ ବିଜିପୁର ଅଞ୍ଚଳର ଏସ.ରାମକୃଷ୍ଣ ପାତ୍ରଙ୍କ ବାଇକ ଉତ୍କଳ ଫ୍ଲାଇ ହାଉସ ନିକଟରେ ପାର୍କିଂରେ ଥିବା ବେଳେ ଡିକିରୁ ୧୨୬ ଗ୍ରାମର ଅଳଙ୍କାର, ମୋବାଇଲ ଓ ୪ ହଜାର ଟଙ୍କା ଲୁଟ ହୋଇଥିଲା। ଏ ନେଇ ଅଭିଯୋଗ ପରେ ପୋଲିସ ନଂ.୧୪୭/୧୯ରେ ମାମଲା ରୁଜୁ କରିଥିଲା। ହେଲେ ଏ ଯାଏ ଲୁଟେରାଙ୍କ ସୁରାକ୍ ପାଇନି।

### ଲଘୁଚାପ ବର୍ଷାରେ ବେହାଲ ରେଶମ ନଗରୀ
# ରାସ୍ତାରେ ଜମିଲା ପାଣି, ଯାତାୟାତ ବାଧାପ୍ରାପ୍ତ

**ବ୍ରହ୍ମପୁର ଅଫିସ,୬।୮**

ବ୍ରହ୍ମପୁର ମହନଗର ନିଗମ(ବିଏମସି) ପକ୍ଷରୁ ବର୍ଷାଜଳ ନିଷ୍କାସନ ପାଇଁ ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଇଛି। ଗତବର୍ଷ ସହରର ବିଭିନ୍ନ ଅଞ୍ଚଳରେ ଡ୍ରେନ ଓ କଲଭର୍ଟ ନିର୍ମାଣ କାର୍ଯ୍ୟ ହୋଇଛି। ଏଥିପାଇଁ କୋଟି କୋଟି ଟଙ୍କା ବ୍ୟୟ ସତ୍ତ୍ୱେ ବର୍ଷାଜଳ ନିଷ୍କାସନ କ୍ଷେତ୍ରରେ ବିଏମସି ଫେଲ ମାରିଛି । ମଙ୍ଗଳବାର ଲଘୁଚାପ ବର୍ଷାରେ ବ୍ରହ୍ମପୁରର ବିଭିନ୍ନ ଅଞ୍ଚଳର ମୁଖ୍ୟରାସ୍ତାରେ ଜମି ରହିଥିବା ପାଣିକୁ ଦେଖିଲେ ଏହା ସ୍ପଷ୍ଟ ବାରି ହେଉଛି। ବର୍ଷାଦିନ ପୂର୍ବରୁ ସମସ୍ତ ଡ୍ରେନ ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ବାରମ୍ବାର ସମ୍ପୃକ୍ତ ଅଞ୍ଚଳ ପକ୍ଷରୁ ଦାବି କରାଯାଇଥିଲା । ମାତ୍ର ଡ୍ରେନ ନିର୍ମାଣ କାର୍ଯ୍ୟରେ ତ୍ରୁଟି ଓ ନିଗମର ଅବହେଳା ଯୋଗୁ ସହରର ଅଧିକାଂଶ ଅଞ୍ଚଳର ମୁଖ୍ୟରାସ୍ତାରେ ପ୍ରାୟ ୨ ଫୁଟରୁ ଉର୍ଦ୍ଧ୍ୱ ଉଚ୍ଚ ପର୍ଯ୍ୟନ୍ତ ବର୍ଷାଜଳ ଜମି ରହିଥିବା ଅଭିଯୋଗ ହୋଇଛି ।

ଗଜପତିନଗର ୬ଷ୍ଠ ଲାଇନ, ଗଜପତିନଗର ୧୧ ଲାଇନ ଠାରୁ ୧୪ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରେ ମଙ୍ଗଳବାର ସନ୍ଧ୍ୟା ପର୍ଯ୍ୟନ୍ତ ବର୍ଷାଜଳ ଜମାହୋଇ ରହିଥିବା ଦେଖିବାକୁ ମିଳିଥିଲା । ପ୍ରତିବର୍ଷ ଏହି ଅଞ୍ଚଳରେ ବର୍ଷାଦିନେ ଉକ୍ତ ସାହିର ମୁଖ୍ୟରାସ୍ତାରେ ପ୍ରାୟ ୧ ଫୁଟରୁ ଉର୍ଦ୍ଧ୍ୱ ଉଚ୍ଚରେ ପାଣି ଜମି ରହୁଥିବା ବେଳେ ଏ ଦିଗରେ ନିଗମ ପକ୍ଷରୁ ଦୃଷ୍ଟି ଦିଆଯାଉ ନ ଥିବା ଅଞ୍ଚଳବାସୀ କହିଛନ୍ତି । ଏ ନେଇ ବହୁବାର ଅଭିଯୋଗ ସତ୍ତ୍ୱେ ଡ୍ରେନେଜ ନିର୍ମାଣ ଦିଗରେ ପଦକ୍ଷେପ ନିଆଯାଉ ନ ଥିବାରୁ ଏଭଳି ସ୍ଥିତି ଉପୁଜୁଥିବା ଆଇନଜୀବୀ ସତୀଶ ପାଣିଗ୍ରାହୀ କହିଛନ୍ତି। ସେହିପରି ପ୍ରେମନଗର ମୁଖ୍ୟରାସ୍ତା, ଧର୍ମନଗର ମୁଖ୍ୟରାସ୍ତା, ନୀଳକଣ୍ଠନଗର ଶିଶୁ ବିଦ୍ୟାମନ୍ଦିର ରାସ୍ତା, ଲୋଚାପଡା ମୁଖ୍ୟରାସ୍ତା ଆଦି ସହରର ବିଭିନ୍ନ ଅଞ୍ଚଳରେ ଅନୁରୂପ ପରିସ୍ଥିତି ଦେଖିବାକୁ ମିଳିଥିଲା । ଏକ ଫୁଟରୁ ଉର୍ଦ୍ଧ୍ୱ ବର୍ଷା ଜଳ ମୁଖ୍ୟ ରାସ୍ତାଗୁଡିକରେ ଜମି ରହିଥିବା ଯୋଗୁ ଉକ୍ତ ରାସ୍ତାରେ ଯାତାୟତ ବାଧାପ୍ରାପ୍ତ ହୋଇଥିଲା । ଅନ୍ୟପକ୍ଷରେ ବର୍ଷାରେ ଡ୍ରେନ ଜାମ ନେଇ ଅଭିଯୋଗ ଆସିଥିବା ସମସ୍ତ ଅଞ୍ଚଳର ରାସ୍ତାରୁ ବର୍ଷାଜଳ ନିଷ୍କାସନ ଉପରେ ବିଏମସି ପକ୍ଷରୁ ପଦକ୍ଷେପ ନିଆଯାଇଛି । ଜେସିବି ଓ କର୍ମଚାରୀଙ୍କ ଦ୍ୱାରା ଅଭିଯୋଗ ଆସିଥିବା ଅଞ୍ଚଳରେ ଡ୍ରେନ ସଫେଇ କରାଯିବା ସହ ବର୍ଷାଜଳ ନିଷ୍କାସନ କରାଯାଇଥିବା ନିଗମ ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡା. ରଞ୍ଜିତ ପାତ୍ର କହିଛନ୍ତି ।



ଏକ ବସ୍ତିଅଞ୍ଚଳରେ ବର୍ଷାଜଳ ଜମିରହିଛି ।



ରାସ୍ତାରେ ବର୍ଷାଜଳ ଜମି ରହିଛି

## ଦିନକରେ ୧୦୦ ମି.ମି.ରୁ ଉର୍ଦ୍ଧ୍ୱ ବର୍ଷା ରେକର୍ଡ
### ଗୋପାଳପୁର ବନ୍ଦରରେ ୩ ନମ୍ବର ବିପଦ ସଙ୍କେତ

**ବ୍ରହ୍ମପୁର ଅଫିସ,୬।୮:** ଲଘୁଚାପ ପ୍ରଭାବରେ ମଙ୍ଗଳବାର ବ୍ରହ୍ମପୁରରେ ବର୍ଷା ଲାଗି ରହିଛି। ସକାଳ ୮ଟାରେ ଲଘୁଚାପ ଅବପାତ ରୂପ ନେବା ପରେ ମଙ୍ଗଳବାର ଗଞ୍ଜାମ ସମେତ ଦକ୍ଷିଣ ଓଡିଶାର ବିଭିନ୍ନ ଜିଲାରେ ବର୍ଷାର ପ୍ରକୋପ ବଢିଥିବା ଗୋପାଳପୁର ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ଦିନକରେ ବ୍ରହ୍ମପୁର, ଗୋପାଳପୁର ଓ ଏହାର ଆଖପାଖ ଅଞ୍ଚଳରେ ପ୍ରାୟ ୧୦୦ ମି.ମି.ରୁ ଉର୍ଦ୍ଧ୍ୱ ପରିମାଣର ବର୍ଷା ରେକର୍ଡ କରାଯାଇଛି। ଲଘୁଚାପ ପ୍ରଭାବରେ ଦକ୍ଷିଣ ଓଡିଶାରେ ଆହୁରୀ ୨୪ ଘଣ୍ଟା ଧରି ବର୍ଷା ଜାରି ରହିବ ବୋଲି ଗୋପାଳପୁର ପାଣିପାଗ କେନ୍ଦ୍ର ଇନଚାର୍ଜ ଉମାଶଙ୍କର ଦାଶ କହିଛନ୍ତି । ବୁଧବାର ଦକ୍ଷିଣ ଓଡିଶାରେ ବର୍ଷାର ପ୍ରକୋପ କମ ରହିବ। ପଶ୍ଚିମ ଓଡିଶାରେ ବଢିବ । ଏଥିପାଇଁ ପଶ୍ଚିମ ଓଡିଶାରେ ହାଇଆଲର୍ଟ ଜାରି କରାଯାଇଛି । ଗୋପାଳପୁର ବନ୍ଦରରେ ୩ ନଂ. ବିପଦ ସଙ୍କେତ ଦିଆଯିବା ସହ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ଯିବାକୁ ବାରଣ କରାଯାଇଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି ।

## ବର୍ଷାରେ ଭିଜୁଛି ୫ ଶ୍ରେଣୀଗୃହ, ପାଠପଢ଼ାରେ ବ୍ୟାଘାତ

**ଶଙ୍କରାଖୋଲ, ୬।୮ (ଡି.ଏନ୍.ଏ.)**

ଚକାପାଦ ବ୍ଲକ ଶଙ୍କରାଖୋଲ ଉଚ୍ଚ ବିଦ୍ୟାଳୟର ୫ ଶ୍ରେଣୀଗୃହ ବର୍ଷା ଜଳରେ ଭିଜୁଛି। ଫଳରେ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଛି। ଏହି ବିଦ୍ୟାଳୟରେ ପ୍ରଥମଠାରୁ ଦଶମଶ୍ରେଣୀ ରହିଛି। ପ୍ରଥମରୁ ପଞ୍ଚମ ଶ୍ରେଣୀ ଗୃହର ଆଜବେଷ୍ଟଗୁଡିକରେ ବଡ ବଡ କଣା ହୋଇଯାଇଛି। ତେଣୁ ଦିନରେ ସୂର୍ଯ୍ୟ ଓ ରାତିରେ ଚନ୍ଦ୍ର କିରଣ ସହ ସାମାନ୍ୟ ବର୍ଷା ହେଲେ ବର୍ଷାଜଳ ଶ୍ରେଣୀରେ ଜମିଯାଉଛି। ଏଥିପାଇଁ ଛାତ୍ରୀଛାତ୍ର ତଳେ ବସି ପଢିପାରୁ ନ ଥିବା ଛାତ୍ରୀଛାତ୍ର କହିଛନ୍ତି। ବିଦ୍ୟାଳୟରେ ବର୍ଷା ପାଣି ଜମିଥିବାରୁ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ମଧ ବସି ପାରୁ ନାହାନ୍ତି। ବର୍ଷା ଜଳରେ ଶ୍ରେଣୀଗୃହ ଓ ପିଣ୍ଡା ଭିଜିଯାଉଥିବାରୁ ପିଲାମାନେ ଛିଡା ହୋଇ ମଧ୍ୟାହ୍ନଭୋଜନ କରୁଛନ୍ତି। ଏ ନେଇ ପ୍ରଧାନ ଶିକ୍ଷକ ଜଗନ୍ନାଥ ସାହାଣୀ ବିଇଓ ଓ ଡିଇଓଙ୍କୁ ଜଣାଇବା ସହ ସ୍ଥାନୀୟ ସରପଞ୍ଚ ଚିତ୍ର କହଁରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଶୀଘ୍ର ଶ୍ରେଣୀଗୃହରେ ଟିଣ ଛପର କରାଯିବା ସହ ବିଦ୍ୟାଳୟରେ ଝରକା କବାଟ ଲଗାଯିବ ବୋଲି ସରପଞ୍ଚ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଶୀଘ୍ର ଏହା କରା ନ ଗଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଛାତ୍ରୀଛାତ୍ର ଅଭିଭାବକ କହିଛନ୍ତି।



ଓଦା ଶ୍ରେଣୀ ଗୃହରେ ଛାତ୍ରମାନେ।

## ଲଗାଣ ବର୍ଷାରେ ଘର ଭାଙ୍ଗିଲା

**ଗଞ୍ଜାମ,୬।୮(ଡି.ଏନ.ଏ.):** ଗଞ୍ଜାମ ଅଞ୍ଚଳରେ ଗତ ୨ଦିନ ହେଲା ଲଘୁଚାପ ଜନିତ ଲଗାଣ ବର୍ଷା ଲାଗି ରହିଛି। ହୁମ୍ମା ପଞ୍ଚାୟତ ହୁମ୍ମା ଗ୍ରାମ ଗୋପିନାଥସାହିର ଝୁନୁ ସାହୁ ଏବଂ କେଉଟସାହି ମାମି ପାଳଙ୍କ ଝାଟିମାଟି ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ଘର ଭାଙ୍ଗିବା ଘଟଣା ଜାଣିବା ପରେ ତହସିଲଦାର ଅବନୀ କୁମାର ସାହୁ ସ୍ଥାନୀୟ ଆର୍‌ଆଇଙ୍କୁ ଘଟଣାସ୍ଥଳ ପରିଦର୍ଶନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ମଙ୍ଗଳବାର ଆର୍‌ଆଇ ସସ୍ମିତା ବେହେରା, ହୁମ୍ମା ସରପଞ୍ଚ ଚନ୍ଦ୍ରମୋହନ ସାହୁ, ସାମାଜିକକର୍ମୀ ଧ୍ରୁବ ଚରଣ ପଲାଇ ପ୍ରମୁଖ ଭାଙ୍ଗିଥିବା ଘର ବୁଲି ଦେଖିବା ସହ ତହସିଲଦାରଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ଏଥିସହିତ କ୍ଷତିଗ୍ରସ୍ତ ପରିବାରକୁ ଜରିପାଲ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ଉଭୟ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଅଧ୍ୟକ୍ଷଙ୍କ ବିୟୋଗରେ ସ୍ମୃତିସଭା
### ଶୋକବାର୍ତ୍ତା ପଠାଇଲେ ମୁଖ୍ୟମନ୍ତ୍ରୀ

**ଭଞ୍ଜନଗର,୬।୮(ଡି.ଏନ.ଏ.)**

କ୍ଷତ୍ରିୟବରପୁର ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ ଅମୂଲ୍ୟ ଦାସଙ୍କ ଦ୍ୱାଦଶାହ ଅବସରରେ ମଙ୍ଗଳବାର ତାଙ୍କ ନିଜ ଗ୍ରାମ ବିରିପୁର ଠାରେ ଏକ ସ୍ମୃତିସଭା ଆୟୋଜିତ ହୋଇଥିଲା। ପ୍ରାରମ୍ଭରେ ସ୍ୱର୍ଗତ ଦାସଙ୍କ ବିୟୋଗରେ ୨ ମିନଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅମୂଲ୍ୟଙ୍କ ବିୟୋଗରେ ପଠାଇଥିବା ଶୋକବାର୍ତ୍ତାକୁ ପାଠ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ତାଙ୍କ ବାର୍ତ୍ତାରେ, ଅଧ୍ୟକ୍ଷ ଅମୂଲ୍ୟଙ୍କ ଅକାଳ ବିୟୋଗରେ ମୁଁ ଦୁଃଖିତ। ସେ ସଦାବେଳେ ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ପାଇଁ ଅବିସ୍ମରଣୀୟ ହୋଇରହିବେ ବୋଲି ଲେଖିଥିଲେ। ଏହାପରେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ବାର୍ତ୍ତା ମଧ୍ୟ ପଠନ କରାଯାଇଥିଲା। ଜଙ୍ଗଲ ଓ ପରିବେଶ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ସୋରଡ଼ା ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ଶୋକବ୍ୟକ୍ତ କରିବା ସହ ଘୁମୁସର ମାଟି ଜଣେ ମହାନ ଶିକ୍ଷାବିତ୍ ଓ ସାମାଜିକ କର୍ମୀଙ୍କୁ ହରାଇଲା ବୋଲି କହିଥିଲେ। ଶୂଳପାଣି ଶତପଥୀ ସଭା ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ମଦନ ପ୍ରଧାନ, ପୂର୍ବତନ ବ୍ଲକ ବିଜେଡ଼ି ସଭାପତି ପ୍ରଶାନ୍ତ ନାୟକ, ରଶ୍ମିତା ନାୟକ, ସୁଧୀର ପଟ୍ଟନାୟକ, ପ୍ରଶାନ୍ତ ମହାନ୍ତି, ଗୁରୁମୂର୍ତ୍ତି ନାୟକ, ଅନୁପମ ବାନାର୍ଜୀ, ସୂର୍ଯ୍ୟକାନ୍ତି ମହାନ୍ତି, ଭଞ୍ଜନଗର ସାବିତ୍ରୀ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ଶାନ୍ତି କୁମାରୀ ଉପାଧ୍ୟାୟ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ସ୍ମୃତି ଓ ଅନୁଭୂତି ସ୍ୱାକ୍ଷର ଅଭିଯାନ କରାଯାଇଥିଲା। ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏହାର ଶୁଭାରମ୍ଭ କରିଥିଲେ। ଏହାପରେ କଲେଜ ପକ୍ଷରୁ ଏକ ଶୋକବାର୍ତ୍ତା ସଙ୍କଳିତ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପଞ୍ଚାନନ ପାଳ, କୁଞ୍ଜ ବିହାରୀ ନାୟକ, ବିଭୂପାଦ ଜେନା, ଅଧ୍ୟାପକ ବି.ଗୋବିନ୍ଦ ରାଓ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ସ୍ମରଣିକାକୁ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଉନ୍ମୋଚନ କରୁଛନ୍ତି।

## ବାର୍ ଆସୋସିଏଶନ ପକ୍ଷରୁ ସ୍ୱାଗତ ସଭା

**ଭଞ୍ଜନଗର,୬।୮(ଡି.ଏନ.ଏ)**

ଭଞ୍ଜନଗର ବାର ଆସୋସିଏଶନ ପକ୍ଷରୁ ମଙ୍ଗଳବାର ଏକ ସ୍ୱାଗତ ସଭା ହୋଇଥିଲା। ଏହି ଅବସରରେ ଭଞ୍ଜନଗର କୋର୍ଟରେ ନୂତନ ଜେଏମ୍ଏସ୍‌ସି ଭାବେ ଯୋଗ ଦେଇଥିବା ବିଚାରପତି ସୋନାଲି ମିଶ୍ରଙ୍କୁ ସ୍ୱାଗତ କରାଯାଇଥିଲା। ଏଥିସହ ବାର ଆସୋସିଏଶନର ବରିଷ୍ଠ ସଭ୍ୟ ପ୍ରକାଶ ଚନ୍ଦ୍ର ମହାପାତ୍ରଙ୍କ ଝିଅ ପ୍ରଚେତା ପ୍ରିୟଦର୍ଶନୀ ମହାପାତ୍ର ମଧ୍ୟ ଓଜେଏସ୍ ପାଇଥିବା ଯୋଗୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ଆୟୋଜିତ ସଭାରେ ବାର୍ ଆସୋସିଏଶନ ସଭାପତି ଅଭିମନ୍ୟୁ ଗୌଡ଼ ଅଧ୍ୟକ୍ଷତା କରିଥିଲେ। ଏଡ଼ିଜେ ମହଲତ ସା, ସବ୍ ଜଜ୍, ଏସ୍‌ଡ଼ିଜେଏମ୍ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ଅଶୋକ ଜେନା, ଆଇନଜୀବୀ ଦିବାକର ନାୟକ, ଚନ୍ଦ୍ରମଣି ମହାପାତ୍ର, ଦଣ୍ଡପାଣି ସ୍ୱାଇଁ, ଗୋପାଳ ବିଷୋୟୀ, ଲଡୁ କିଶୋର ଆଳତିଆ, ଜ୍ୟୋତିରଞ୍ଜନ ପ୍ରଧାନ, ସନ୍ତୋଷ ନାୟକ, ସନ୍ତୋଷ ତ୍ରିପାଠୀ, ପ୍ରଦ୍ୟୁମ୍ନ ନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।



ବିଚାରପତିଙ୍କୁ ବାର ଆସୋସିଏଶନ ପକ୍ଷରୁ ସ୍ୱାଗତ କରାଯାଉଛି।

### ଛତ୍ରପୁରକୁ ଡିଇଓ ଅଫିସ ସ୍ଥାନାନ୍ତର ପ୍ରସଙ୍ଗ
# ସ୍ୱାଗତକଲା ନାଗରିକ କମିଟି

**ଛତ୍ରପୁର,୬।୮(ଡି.ଏନ.ଏ)**

ଛତ୍ରପୁରରେ ଥିବା ଡିପିସି ଅଫିସ ସହ ଗଞ୍ଜାମ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ କାର୍ଯ୍ୟାଳୟ ମିଶ୍ରଣ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁରରୁ ଗଞ୍ଜାମ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ କାର୍ଯ୍ୟାଳୟକୁ ଜିଲାର ହେଡ୍‌କ୍ୱାର୍ଟରେ ଛତ୍ରପୁରକୁ ସ୍ଥାନାନ୍ତର କରି ଡିପିସି ଅଫିସ ସହ ମିଶ୍ରଣ ପାଇଁ ଜିଲାପାଳ ଗତ ୧୯ ତାରିଖରେ ଏକ ପ୍ରସ୍ତାବ ରାଜ୍ୟ ସରକାରଙ୍କୁ ପଠାଇଛନ୍ତି। ଛତ୍ରପୁର ନାଗରିକ କମିଟି ଏହାକୁ ସ୍ୱାଗତ କରିବା ସହ ଅତିଶୀଘ୍ର ଛତ୍ରପୁରକୁ ଡିଇଓ ଅଫିସ ସ୍ଥାନାନ୍ତର କରାଯାଉ ବୋଲି ମଙ୍ଗଳବାର ଖବରଦାତା ସମ୍ମିଳନୀରେ କମିଟି ଦାବି କରିଛି। ଜିଲା ହେଡ୍‌କ୍ୱାର୍ଟରକୁ ଡିଇଓ ଅଫିସ ସହ ସବୁ ଜିଲା ଅଫିସ ଛତ୍ରପୁରକୁ ସ୍ଥାନାନ୍ତର କରାଯାଉ ବୋଲି କମିଟି ସଭାପତି ଗୋକୁଳ ଚନ୍ଦ୍ର ପଣ୍ଡା ଦାବି କରଛନ୍ତି। ଉପସଭାପତି ପ୍ରଦୀପ ପାଢୀ ଜିଲା ହେଡ୍‌କ୍ୱାର୍ଟରରେ ସମସ୍ତ ଅଫିସ ରହିଲେ ପରିଚାଳନାରେ ପ୍ରଶାସନକୁ ସୁବିଧା ହେବ ବୋଲି କହିଥିଲେ। ଅନ୍ୟତମ ଉପସଭାପତି ରାଜେନ୍ଦ୍ର ଦାଶ ଡିଇଓ ଅଫିସ ସ୍ଥାନାନ୍ତରକୁ ବ୍ରହ୍ମପୁରରେ ବିରୋଧ କରାଗଲେ ବ୍ରହ୍ମପୁରରୁ ସମସ୍ତ ଜିଲା ଅଫିସକୁ ଛତ୍ରପୁରକୁ ଆଣିବା ପାଇଁ ଦାବି ଉଠିବ ବୋଲି କହିଥିଲେ। ଅଫିସ ସ୍ଥାନାନ୍ତରକୁ ଆଞ୍ଚଳିକ ହିସାବରେ ବିରୋଧ କରିବା ଠିକ୍ ନୁହେଁ ବୋଲି ପୂର୍ବତନ ବିଧାୟକ ତଥା କମିଟି ପରାମର୍ଶଦାତା ଅଶୋକ ଚୌଧୁରୀ କହିଛନ୍ତି। ସମସ୍ତ ସଙ୍ଗଠନ ମିଳିତ ଭାବେ କାର୍ଯ୍ୟ କଲେ ଛତ୍ରପୁରର ବିକାଶ ହୋଇପାରିବ ବୋଲି କାର୍ଯ୍ୟକାରୀ ସଭାପତି ରାମଚନ୍ଦ୍ର ବେହେରା କହିଥିଲେ । କମିଟିରେ ସମ୍ପାଦକ ସୁଧୀର ସାହୁ, ବି. ରାଜିବାବୁ, ଲକ୍ଷ୍ମୀ ନାରାୟଣ ପଣ୍ଡା, ସୟଦ ମୁକ୍ତାର, ପ୍ରାଥମିକ ଶିକ୍ଷକ ସଂଘ (ଏକ୍ସ କ୍ୟାଡର)ର ଗଞ୍ଜାମ ଜିଲା ସଭାପତି ବିଷ୍ଣୁ ପଣ୍ଡା, ଶିକ୍ଷକ ଦିଲୀପ ପଲେଇ ପ୍ରମୁଖ ଡିଇଓ ଅଫିସ ଛତ୍ରପୁରକୁ ଆସିବା ନିଷ୍ପତ୍ତିକୁ ସ୍ୱାଗତ ଜଣାଇଥିଲେ ।



ଖବରଦାତା ସମ୍ମିଳନୀରେ କମିଟିର ସଭାପତି ଓ ଅନ୍ୟ କର୍ମକର୍ତ୍ତା।

### ହାଇକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହେଲେ
# ଗଞ୍ଜାମରେ ପୌରପାଳିକା ସଂସ୍ଥା ୪କୁ ବଢ଼ିବ

**କୁକୁଡ଼ାଖଣ୍ଡି ଏନ୍ଏସି ଗଠନ ପରେ ଜିଲାର ସହରାଞ୍ଚଳ ୧୯ ହେବ**

**ବ୍ରହ୍ମପୁର ଅଫିସ,୬।୮**

ଗଞ୍ଜାମ ଜିଲା ସଦର ମହକୁମା ଛତ୍ରପୁର, ସବଡିଭିଜନାଲ ମହକୁମା ଭଞ୍ଜନଗର ଓ ଆସିକା ଏନଏସିକୁ ମ୍ୟୁନିସିପାଲିଟି ମାନ୍ୟତା ଦେବା ପାଇଁ ହାଇକୋର୍ଟ ଏକ ମାମଲାର ବିଚାର କରି ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହେଲେ ଗଞ୍ଜାମ ଜିଲାରେ ପୌରପାଳିକା ସଂଖ୍ୟା ୪କୁ ବୃଦ୍ଧି ପାଇବ। ଅନ୍ୟପକ୍ଷରେ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୁକୁଡ଼ାଖଣ୍ଡି ଏନ୍ଏସି ଗଠନ ପରେ ଜିଲାର ସହରାଞ୍ଚଳ ସଂଖ୍ୟା ୧୯ ହେବ। ଜିଲାରେ ବ୍ରହ୍ମପୁର ମହାନଗର ନିଗମ, ହିଞ୍ଜିଳିକାଟୁ ପୌରପାଳିକା ଓ ୧୬ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି) ଅଛି । ୩ ମାସ ମଧ୍ୟରେ ନଗର ଉନ୍ନୟନ ବିଭାଗ ପକ୍ଷରୁ ଘୋଷଣା କରାଗଲେ ଆଗାମୀ ପୌର ନିର୍ବାଚନରେ ଗଞ୍ଜାମର ୧୯ ସହରାଞ୍ଚଳ ନିମନ୍ତେ ଭୋଟ ଗ୍ରହଣ ହେବ ।

ବହୁ ବର୍ଷ ତଳୁ ଜିଲାରେ ଏକମାତ୍ର ବ୍ରହ୍ମପୁର ମ୍ୟୁନିସିପାଲିଟି ସମେତ ଛତ୍ରପୁର, ଗଞ୍ଜାମ, ଖଲ୍ଲିକୋଟ, ରମ୍ଭା, ପୋଲସରା, କୋଦଳା, କବିସୂର୍ଯ୍ୟନଗର, ପୁରୁଷୋତ୍ତମପୁର ଓ ହିଞ୍ଜିଳି ବିଜ୍ଞାପିତ ଅଞ୍ଚଳ ପରିଷଦ ଥିଲା । ହିଞ୍ଜିଳି ଏନଏସିକୁ ସରକାର ମ୍ୟୁନିସିପାଲିଟି ମାନ୍ୟତା ଦେଇ ସାରିଛନ୍ତି । ସର୍ବ ପୁରାତନ ବ୍ରହ୍ମପୁର ପୌରପାଳିକା ୧୦ବର୍ଷ ପୂର୍ବେ ମହାନଗର ନିଗମ ହୋଇଛି। ଏତଦବ୍ୟତୀତ ଗୋପାଳପୁର, ଚିକିଟି, ଦିଗପହଣ୍ଡି, ଭଞ୍ଜନଗର, ବେଲଗୁଣ୍ଠା, ସୋରଡ଼ା, ବୁଗୁଡ଼ା, ଆସିକା ଏନଏସି ରହିଛି। ଛତ୍ରପୁର, ଆସିକା ଓ ଭଞ୍ଜନଗର ମ୍ୟୁନିସିପାଲିଟିରେ ପରିଣତ ହେଲେ ଏନଏସି ସଂଖ୍ୟା ୧୩କୁ ଖସିବ ଓ ପୌର ପରିଷଦ ସଂଖ୍ୟା ୪କୁ ବଢ଼ିବ ।

ଅପରପକ୍ଷରେ ୨୨ ବ୍ଲକକୁ ନେଇ ଗଞ୍ଜାମ ଜିଲା ଗଠନ ହୋଇଛି। ଜିଲା ବିଭାଜନ କରାଯାଇ ନୂଆ ଘୁମୁସର ଜିଲା ଗଠନ ଲାଗି ବହୁ ବର୍ଷରୁ ଦାବି ହୋଇଛି । ଭଞ୍ଜନଗର ସଦର ମହକୁମା ପାଇଁ ସ୍ୱର ଉଠିଛି । ଏଥିପାଇଁ ସେଠାର ଆଇନଜୀବୀଙ୍କ ଆନ୍ଦୋଳନ ଅବ୍ୟାହତ ରହିଛି । ଭଞ୍ଜନଗର ଓ ସୋରଡ଼ା ବ୍ଲକ ଅଞ୍ଚଳରୁ ଜିଲା ସଦର ମହକୁମା ଛତ୍ରପୁର ପ୍ରାୟ ଶହେ କିମି ଦୂର ହୋଇଥିବାରୁ ଲୋକଙ୍କ ସୁବିଧା ନିମନ୍ତେ ଘୁମୁସର ଜିଲା ଗଠନ ଅପରିହାର୍ଯ୍ୟ ବୋଲି କୁହାଯାଇଛି। ଫଳରେ ପ୍ରଶାସନିକ ବ୍ୟବସ୍ଥାର ବିକେନ୍ଦ୍ରୀକରଣ ହୋଇପାରିବ। ଏଥିପାଇଁ ପ୍ରାୟ ୪ ଦଶନ୍ଧି ଧରି ଦାବି ହୋଇଛି । ସେହିପରି ଆସିକା ସବଡିଭିଜନ ଗଠନ ପାଇଁ ବହୁବର୍ଷ ହେବ ସ୍ୱର ଉଠିଛି । ସୂଚନାଯୋଗ୍ୟ ପୂର୍ବତନ ରାଜ୍ୟସଭା ଏମପି ରେଣୁବାଳା ପ୍ରଧାନ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଗଞ୍ଜାମ ଜିଲା ବିଭାଜନ ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ତାହା ଶୀତଳ ଭଣ୍ଡାରରେ ରହିଛି ।

